OFFICE OF THE TAHASILDAR, BARANG ★ CUTTACK

# ତହସିଲଦାରଙ୍କ କାର୍ଯ୍ୟାଳୟ, ବାରଙ୍ଗ (କଟକ)

ପତ୍ର ସଂଖ୍ୟା.......990........./ସୈରାତ ତା..10/6/2019......

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ନିମନ୍ତେ ବିଜ୍ଞାପନ

### [ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ] ରିହାତି (ସଂଶୋଧନ) ଆଇନ-2017 ଅନୁଯାୟୀ

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବାରଙ୍ଗ ତହସିଲ ଅନ୍ତର୍ଗତ ସୂଚିରେ ପ୍ରଦତ୍ତ ଲଘୁ ଖଣିଜ ଦ୍ରବ୍ୟ ସୈରାତ ଉତ୍ସ ଗୁଡିକୁ ଅନୂନ୍ୟ 5 (ପାଞ୍ଚ) ବର୍ଷ ନିମନ୍ତେ (2019-20 ଠାରୁ 2023-24 ପର୍ଯ୍ୟନ୍ତ) ଦିର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ)-2017 ବର୍ଣ୍ଣିତ ଡିନିକିତା ଫର୍ମ-M ପୂରଣକରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ୍ ଦାଖଲ କରିବା ହେବେ ।

ସର୍ତ୍ତାବଳୀର ବିବରଣୀ ଜିଲ୍ଲାପାଳଙ୍କ Website.www.cuttack.nic.in କିମ୍ବା ତହସିଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଉପଲବ୍ଧ ଅଟେ ।

1. ଦରଖାସ୍ତ ଫି ବାବଦକୁ ଟ.1000/- (ଏକ ହଜାର)ଟଙ୍କାର ଟ୍ରେଜେରୀ ଚାଲାଣ (Head of Account-0853-Non-Ferrous Mining and Metallurgical Industries -102-Mineral concession Fess, Rents and Royalties) ଦାଖଲ କରିବେ । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

2.ଦରଖାସ୍ତକାରୀ ଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ।

3.ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity)ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟିର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣପତ୍ର (Solvency Certificate )କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee )

[Requisite Extent of Solvency / Bank Guarantee =Minimum guaranteed Quantity X (Offered Additional Charge + Royalty)]

4.ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟି ର ଶତକଡା 5 ଭାଗ EMD (Earnest Money Deposit)ନିମନ୍ତେ ତହସିଲଦାର ଙ୍କ ନାମରେ ଚଳବନ୍ଧକକୃତ ବା Pledgedବ୍ୟାଙ୍କ ଡ୍ରାଫ୍ଟ ।

5.ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀ ଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଅସ୍ଥାବର ସମ୍ପତ୍ତି ତାଲିକା ।

6.ଲିଜ୍ ରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉତ୍ସଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା,ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ ନେବା ପରେ ସୈରାତ ଚଳାଇବା କିମ୍ବା ରାସ୍ତା ଦେଖାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

7.ଯୋଗ୍ୟ ବିବେଚିତ ହୋଇଥିବା ଆବେଦନ କାରୀଙ୍କୁ ମନୋନୟନର 7 (ସାତ) ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମରେ ଜଣାଇ ଦିଆଯିବ । ସୂଚନା ପାଇବାର 15 ଦିନ ମଧ୍ୟରେ ମନୋନିତ ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ ) ଆଇନରେ ଥିବା ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେସଙ୍ଗେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ପରମାଣର ଏକ ଚତୁର୍ଥାଂଶ ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଥିବା ଦେୟରୁ Earnest Money କୁ ବାଦ ଦେଇ ବଳକା ଥିବା ରାଶି ଜମା କରିବେ । ଯଦି ମନୋନିତ ଆବେଦନକାରୀ 15 ଦିନ ମଧ୍ୟରେ ସମ୍ମତି ସହିତ ଉପରୋକ୍ତ ରାଶି ଜମା ନ କରନ୍ତି ତେବେ ତାଙ୍କର EMD ବାବଦକୁ ଜମାଥିବା ରାଶି ବାଜ୍ୟାପ୍ତି କରି ସରକାରଙ୍କ ନିକଟରେ ଜମା ଦିଆଯିବ ଏବଂ ଦ୍ୱିତୀୟ ସର୍ବାଧିକ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକରୀଙ୍କୁ ସୁଯୋଗ ଦିଆଯିବ । ମନୋନୟନ ପ୍ରକ୍ରିୟା ସମାପ୍ତ ହେଲା ପରେ ଅକୃତକାର୍ଯ୍ୟ ଆବେଦନକାରୀ ମାନଙ୍କୁ ଜମା ଦେଇଥିବା Earnest Money ଫେରସ୍ତ କରାଯିବ ।

8.ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଅନୁଯାୟୀ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) କିମ୍ବା ପ୍ରାଧୀକୃତ ଅଧିକାରୀ Mining Plan ରେ ଦର୍ଶାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଯାହା ଅଧିକ ହେବ ସେହି ଅନୁଯାୟୀ ବାର୍ଷିକ ସମସ୍ତ ଟଙ୍କା ଲିଜଧାରୀ ଙ୍କୁ ଏକକାଳୀନ ଦାଖଲ କରିବାକୁ ପଡିବ । ଏହାପରେ ଲିଜ ଧାରୀ 7 (ସାତ) ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ଲିଜ୍ Agreement ବା ଚୁକ୍ତି (ରେଜିଷ୍ଟ୍ରେସନ୍ ଆକ୍ଟ – 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ ) ସମ୍ପାଦନ କରିବେ । ଯଦି ନିର୍ଦ୍ଧାରିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନକରନ୍ତି ତେବେ ତାଙ୍କର EMD ଓ ଜମାକରିଥିବା ରାଶି ବାଜ୍ୟାପ୍ତ କରି ସରକାର ଙ୍କ

ନିକଟରେ ଜମା ଦିଆଯିବ । ଏହା ବ୍ୟତୀତ ଆବେଦନକାରୀ ବା ଲିଜଧାରୀ ଦାଖଲ କରିଥିବା ସମସ୍ତ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟର ଶତକଡା 5 ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି (Envirnment Management Fund) ବାବଦକୁ ପୈଠ କରିବା ସହିତ ସରାକରଙ୍କ ଦ୍ୱାରା ନିର୍ଦ୍ଧାରିତ District Mineral Foundationବାବଦକୁ ଶତକଡା 10 ଭାଗ ଅର୍ଥ ଜମାକରିବାକୁ ପଡିବ ।

9. ଧାରା-28 ଅନୁଯାୟୀ ଲିଜଧାରୀଙ୍କୁ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା ରୟାଲଟି ଏବଂ ଅତିରିକ୍ତ ଦେୟ ସହିତ Dead Rent ଏବଂ Surface Rent ଦାଖଲ କରିବାକୁ ପଡିବ । ଲିଜ୍ ଧାରୀଙ୍କୁ ସରକାର ଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲଟି /dead rent ଓ ଅନ୍ୟାନ୍ୟ ଦେୟର ଧାର୍ଯ୍ୟ ମୂଲ୍ୟ ଜମାକରିବାକୁ ପଡିବ ।

ପ୍ରାଧିକୃତ ଅଧିକାରୀ Mining Planରେ ଦର୍ଶାଯାଇଥିବା ସର୍ବନିମ୍ନ ଉଲ୍ଲେଖ ପରିମାଣ ଏହି ନୋଟିସରେ ଦର୍ଶାଯାଇଥିବା ପରିମାଣ ସହିତ ସମାନ କିମ୍ବା ଅଧିକ ହୋଇପାରେ । ତେଣୁ ଲିଜଧାରୀଙ୍କୁ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ସର୍ବ ନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ମୁତାବକ ସମସ୍ତ ଦେୟ,ରୟାଲଟି,DMFଏବଂ ଅନ୍ୟାନ୍ୟ ଦେୟ ଦାଖଲ କରିବେ । ଯଦି ଲିଜଧାରୀ ଧାର୍ଯ୍ୟ ପରିମାଣ ଠାରୁ ଅଧିକ ଉତ୍ତୋଳନ କରିବେ, ତେବେ ସେଥିପାଇଁ ଲିଜଧାରୀ ଙ୍କୁ ଅଧିକ ଉତ୍ତୋଳନର ସମସ୍ତ ଦେୟ ତହସିଲଦାର ବାରଙ୍ଗ ଙ୍କ ଠାରେ ଦାଖଲ କରିବା ପାଇଁ ପଡିବ ।

10..ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲଂଘନ କଲେ ଜମା ଦେଇଥିବା ସିକ୍ୟୁରିଟ ଜମା ରାଶିକୁ ବାଜ୍ୟାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

11.ST/IT Clearance Certificate ବିଗତ ତିନି ବର୍ଷର ଦାଖଲ କରିବେ ।

12.ସର୍ବୋଚ୍ଚ ଲିଜକାରୀ ବାର୍ଷିକ ନିଲାମ ମୂଲ୍ୟର 2% (ଶତକଡା ଦୁଇ) ଆୟକର ବାବଦକୁ ପ୍ରତ୍ୟେକ ବର୍ଷ ଜମା କରିବେ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ-ଦିଆ ଲଫାପାରେ ରେଜିଷ୍ଟ୍ରିଡାକ ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ କଉମୁଦ-ଦିଆ ଟେଣ୍ଡର ବାକ୍ସରେ ତା 27.06.2019 ରିଖ ରୁ ତା.03.07.2019 ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ କାର୍ଯ୍ୟ ନିର୍ଘଣ୍ଟ ଅପରାହ୍ନ 5 ଘଟିକା ମଧ୍ୟରେ ଦାଖଲ କରିପାରିବେ। ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବନାହିଁ ।

ଠିକଣା – ବାରଙ୍ଗ ତହସିଲ କାର୍ଯ୍ୟାଳୟ, ବାରଙ୍ଗ, ସା-ନରଣପୁର, ଥା-ବାରଙ୍ଗ, ଜି-କଟକ,ପି-754005 । ଆବେଦନକାରୀ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା (Competent Authority )ଧାର୍ଯ୍ୟ ହୋଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଠାରୁ କମ୍ ମୂଲ୍ୟ ଦର୍ଶାଇଲେ, ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତ ନାକଚ ହେବ ।

ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ବାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା 5.07.2019 ରିଖ ଦିବା 11 ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ । ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ରୟାଲଟି ଉପରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆଁବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯୋଗ୍ୟବିବେଚିତ ଆବେଦନକରୀଙ୍କୁ ମନୋନୟନର 7 (ସାତ) ଦିନ ମଧ୍ୟରେ ପ୍ରାଧୀକୃତ ଅଧିକାରୀଙ୍କ ଦ୍ବାରା ନିର୍ଦ୍ଧାରିତ ଫର୍ମରେ ଜଣାଇଦିଆଯିବ । ସୂଚନା ପାଇବାର 15 ଦିନ ମଧ୍ୟରେ ମନୋନୀତ ଆବେଦନକରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେସଙ୍ଗେ ଅମାନତ ରାଶି ଜମା କରିବେ । ଯଦି ମନୋନୀତ ବ୍ୟକ୍ତି 15ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ତେବେ ଦ୍ବିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଯାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ଏବଂ ଜିଲ୍ଲା ଖଣିଜ ପାଣ୍ଠିକୁ (District Mineral Foundation ) ଦେବାକୁ ଥିବା ଦେୟରୁ ଏକ ଚତୁଃର୍ଥାଂଶଂରୁ Earnest Moneyକୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ସୁଧ ସହିତ ଅମାନତ ରାଶିର ଗ୍ରହଣ ପରିମାଣ ସହ ସମାନ ହେବ ।

Mining Plan ପ୍ରାଧିକୃତ ଅଧିକାରୀଙ୍କ ଦ୍ବାରା ଅନୁମୋଦିତ ହୋଇଅଛି । ଯୋଗ୍ୟ ବିବେଚିତ ପ୍ରାର୍ଥୀ Environmental Clearance ନିଜ ଦାୟିତ୍ୱରେ ଦାଖଲ କରିବା ବାଧ୍ୟତାମୂଳକ ଅଟେ । ଅନ୍ୟଥା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ଲିଜ୍ ନାକଚ ହେବ ଏବଂ ଅମାନତ ରାଶି ସରକାରୀ ତହବିଲରେ ଜମା ହେବ । ଏତଦ୍ ବ୍ୟତୀତ ଯୋଗ୍ୟ ବିବେଚିତ ପ୍ରାର୍ଥୀ Approved Mining Plan ଓ ବିଜ୍ଞାପନ ଖର୍ଚ୍ଚ ଦେବାକୁ ହେବ ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକରୀଙ୍କୁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) -2017 ନିୟମାବଳୀ ପ୍ରକାରେ ସମସ୍ତ ଦେୟ ଜମା ଦେଇ ଲିଜ୍ ପାଇଁ ଚୁକ୍ତିପତ୍ର ସମ୍ପାଦନ କରିବାକୁ ହେବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତା ହେଲେ ତା 06.07.2019 ରିଖରୁ ତା 11.07.2019 .ରିଖ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତିମାନେ ପ୍ରଯୋମକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ। ସେ ସମସ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ତା.12.07.2019.ରିଖ ଦିବା 11 ଘଟିକା ସମୟରେ ଜଉମୁଦ ଖୋଲାଯାଇ ଲିଜ୍ ନିମନ୍ତେ ଚୟନ କରାଯିବ । ସେହିପରି ଯଦି ଦ୍ବିତୀୟଥର ମଧ୍ୟ କୌଣସି ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସିନଥାଏ କିମ୍ବା ସମସ୍ତ ଉତ୍ସ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି

ତେବେ ତୃତୀୟଥର ପାଇଁ ତା 15.07.2019 ରିଖ ରୁ ତା 22.07.2019 ରିଖ ମଧ୍ୟରେ ଉପରୋକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ ଏବଂ ସେ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧୀକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ତା.23.07.2019 ରିଖ ଦିବା 11 ଘଟିକା ସମୟରେ ଜଉମୂଦ ଖୋଲାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତୃଟି ପରିଲିଖିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ରହିଛି ।

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ବାରଙ୍ଗ
Tahasildar
Barang, Cuttack

## ସୈରାତ ଉତ୍ସ ଗୁଡିକର ବିବରଣୀ

| ମିକ ଖ୍ୟା | କେଶ ନଂ | ଲଘୁ ଖଣିଜାତ ଉତ୍ସର ନାମ | ମୌଜା | ଖାତା | ଖସଡା | ରକବା (ଏକର ରେ) | ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପାଇଁ ଧାର୍ଯ୍ୟ ଥିବା ଖଣିଜ ପଦାର୍ଥର ପରିମାଣ (ଘନ ମିଟର ରେ) | ଲଘୁ ଖଣିଜ ପଦାର୍ଥର ସରକାରୀ ଧାର୍ଯ୍ୟ ମୂଲ୍ୟ | ଅତିରିକ୍ତ ମୂଲ୍ୟ |
|---|---|---|---|---|---|---|---|---|---|
| 1 | ସୈରାତ କେଶ ନଂ-02/2017-18 | ସିଡୁଆ ନଦୀ ବାଲିଘାଟ | ଦେଓକାଳି | 100 | 293 (ସ୍ମ) | 5.00 | 15,990 (ଏକ ବର୍ଷ ପାଇଁ) | ଟ.35.00 ଙ୍କା ( ଘନ ମିଟର ପ୍ରତି) | ଟ.2.00 ଙ୍କା (ଘନ ମିଟର ପ୍ରତି) |
| 2 | ସୈରାତ କେଶ ନଂ-03/2017-18 | ସିଡୁଆ ନଦୀ ବାଲିଘାଟ | କୋରକୋରା | 314 | 385 (ସ୍ମ) | 15.00 | 50,010 (ଏକ ବର୍ଷ ପାଇଁ) | ଟ.35.00 ଙ୍କା ( ଘନ ମିଟର ପ୍ରତି) | ଟ.2.00 ଙ୍କା (ଘନ ମିଟର ପ୍ରତି) |
| 3 | ସୈରାତ କେଶ ନଂ-01/2018 | କାଠଯୋଡି ନଦୀ ବାଲିଘାଟ | ବେଣ୍ଟକାରପଡା | 57 | 70 (ସ୍ମ) | 25.00 | 1,05,000 (ଏକ ବର୍ଷ ପାଇଁ) | ଟ.35.00 ଙ୍କା ( ଘନ ମିଟର ପ୍ରତି) | ଟ.2.00 ଙ୍କା (ଘନ ମିଟର ପ୍ରତି) |

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ବାରଙ୍ଗ
Tahasildar
Barang, Cuttack

ପରିପତ୍ର ସଂଖ୍ୟା - 992 (15) ତା - 10/6/2019

ଏହାର ଏକକିତା ନକଲ, ଜିଲ୍ଲାପାଳ, କଟକ / ଉପଜିଲ୍ଲାପାଳ, ସଦର, କଟକ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରଙ୍ଗ / କଟକ ମହାନଗର ନିଗମ / ଉଷୁମା / ଗ୍ରାମପଞ୍ଚାୟତ / ସମସ୍ତ ରାଜସ୍ୱ ନିରୀକ୍ଷକ, ବାରଙ୍ଗ ତହସିଲ / ଥାନା ଅଧିକାରୀ , କଟକ ସଦର/ ବାରଙ୍ଗ / ତହସିଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତଙ୍କର ଅବଗତି ନିମନ୍ତେ ଓ ସଂପୃକ୍ତ ଗ୍ରାମରେ ବିଜ୍ଞପ୍ତି କରାଇବେ । ରାଜସ୍ୱ ନିରୀକ୍ଷକ ମାନେ ଏହାର ବହୁଳ ପ୍ରଚାର କରାଇବା ନିମନ୍ତେ ପ୍ରେରଣ କରାଗଲା ।

10/6/19

ତହସିଲଦାର, ବାରଙ୍ଗ

Tahasildar
Barang, Cuttack

Memo No. 993 / Dt. 10/6/2019

Copy to the DIO, NIC, Collectorate, Cuttack to upload in the District Website for its wide publication.

10/6/19

Tahasildar, Barang

Tahasildar
Barang, Cuttack

## FORM – M

Application for grant of Quarry Lease

[*See* rule 27(4)]

To

……………………………………………………………………………………………

Dated the 20

Sir,

1. I/We submit an application for a quarry lease for…………(mineral) for a term of ……………… years over…………hectares of land in the area specified in the *Annexure* given below:-
2. A sum of Rs……… payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20……. has been paid in the Government Treasury at…………and a receipted challan bearing No……… dated……is enclosed.
3. The required particulars are given below:-
   i) An affidavit stating that no mining due payable under the Act and Rules made there under is outstanding against the applicant.
   ii) Where land belongs to private persons, consent of all such persons for grant of quarry lease.
   iii) Solvency certificate and list of immovable property from the Revenue Authority.
4. (i) Name and address of the applicant……………………………………………
   (ii) Nationality of the applicant……………………………………………………
   (iii) Profession of the applicant……………………………………………………
   (iv) Particulars of the areas, mineral wise, within the State for which the applicant or any person having joint interest with him……………………………………
      a) Already holds a quarry lease……………………………………………
      b) Has already applied for a quarry lease but not granted ………………………
      c) Being applied for simultaneously…………………………………………
      d) Nature of joint interest, if any……………………………………………
   (v) Means by which the minor minerals is/are to be raised, i.e. whether manual or mechanical…………………
   (vi) Manner in which the minor mineral raised to be utilized-
      (a) For manufacture……………………
      (b) For sale……………………………
      (c) Any other purpose…………………
   (vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given................

(ix) Financial Resources of the applicant.

(a)

(b)

(x) Total investment in the operations anticipated.....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District.................

5. Rate of additional charge (per cubic meter) quoted-

N.B: The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date.........

Signature of the applicant

N.B: If the application is signed by an authorised agent of the applicant, the power of attorney should be attached.